# ଆଠମଲ୍ଲିକ ଉପଖଣ୍ଡ କାର୍ଯ୍ୟାଳୟର କିରାଣୀ-ଗ୍ରନ୍ଥାଗାରିକ କାର୍ଯ୍ୟରୁ ଅବସର ନେଲେ ।

ଦୀର୍ଘ ୨୯ ବର୍ଷ ନିରବଛିନ୍ନ ଭାବେ ଆଠମଲ୍ଲିକ ଉପଖଣ୍ଡରେ କିରାଣୀ-ଗ୍ରନ୍ଥାଗାରିକ ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇ ଗତ ମାସ ୩୧ ତାରିଖରେ କାର୍ଯ୍ୟରୁ ଅବସର ନେଇଛନ୍ତି ଶ୍ରୀ ସର୍ବେଶ୍ୱର ମଲ୍ଲିକ । ନିଜ ଦାୟିତ୍ୱ ସହ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଉପଜିଲ୍ଲାପାଳଂକ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟକୁ ବେଶ୍ ସଫଳତାର ସହିତ ସେ ପରିଚାଳନା କରିଛନ୍ତି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟକାଳିନ ସଭାରେ ନିଜ କାର୍ଯ୍ୟର ଅନୁଭୂତି ବଖାଣିବା ସହ କର୍ମଚାରୀମାନଂକର ସହଯୋଗ ପାଇବା ସମ୍ପର୍କରେ କହିବାବେଳେ ସେ ଭାବ ବିହ୍ୱଳ ହୋଇପଡି ଥିଲେ । ସେ ଜଣେ ସଚ୍ଚୋଟ ଓ କର୍ମଠ କର୍ମଚାରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରକାଶ କରିଥିଲେ । ପୂର୍ବତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଶ୍ରୀ ମଲ୍ଲିକଙ୍କୁ ଜଣେ ମେଳାପି ଓ କର୍ମଠ କର୍ମଚାରୀ ଭାବେ ଅଭିହିତ କରିଥିଲେ । ବିଭାଗୀୟ କର୍ମଚାରୀମାନେ ଶ୍ରୀ ମଲ୍ଲିକଂକ ର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ।

